# Akashvani, Sambalpur

## SAMBALPURI NEWS EVENING BULLETIN

## 7 September 2024- 7.02 pm- 7.12 pm.

*******************************************

୧- ସବୁଠାଲ୍‌ପାଏଲେ ଗଣପର୍ବ ନୂଆଖାଇ । ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍‌ଚହଲ୍ ।

- ନୂଆଖାଇର୍ ଉସ୍‌ନାକିଥି ସାମିଲ୍ ହେବାର୍‌କେ ଆଏବାକାଏଲ୍ ସମ୍ବଲ୍‌ପୁର୍ ଆସୁଛନ୍ ମୁଖ୍ୟମନ୍ତ୍ରୀ ।

- ସିଏମ୍ କିଷାନ୍‌ର କର୍‌ବେ ଶୁଭାରମ୍ଭ୍ ।

୨- ସୁଭଦ୍ରା ଯୋଜ୍‌ନାର୍ ସଫଲତାର୍ ଲାଗି ରାଏଜେ ମୁଲ୍ ହେଲା ସୁଭଦ୍ରା ସଚେତନତା ରଥ ।

୩- ରାଏଜେ ଆଏବା ୩ ମାସ୍ ଭିତ୍‌ରେ ପୂରଣ୍ କରାଯିବା ୨ ହଜାର୍ ବନରକ୍ଷୀ ପଦ୍‌ବୀ ।

ଆଉର୍

୪- ବିଘ୍ନବିନାଶକ ଗଣେଶ ମାହାପୁରୁଙ୍କର୍ ଆବାହନ୍‌ଥି ଆଏଜ୍ ହେଇଛେ ଗଣେଶ୍ ପୂଜା ।

- ଦେବ୍‌ଗଡ୍ ନ ମୁଲ୍ ହେଲା ୧୦ ଦିନିଆ ଗଣେଶ୍ ମେଳା ।

ନୂଆଖାଇ ଆର୍ଏନ୍ୟୁ/ ସମ୍ବଲପୁର

ସଖାଲ୍ପାଏଲେ ଗଣପର୍ବ ନୂଆଖାଇ । ହେଥିର୍ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ନୁ ସହର୍ ହେଇଛେ ଗହଲ୍ ଚହଲ୍ । ନିଜର୍ ପରିବାର୍ ଲୁକ୍କର୍ ସାଙ୍ଗେ ନୂଆ ଖାଏବାର୍କେ ବାହାରେ କାମ୍ଧାମ୍ ଆର୍ ପାଠ୍ ପଢୁଥିବା ଲୁକେ ଘର୍ମାନ୍କୁ ପୁହୁଁଚିଛନ୍ । ଘରେ ଘରେ ନୂଆଖାଇର୍ ସାଜୋ ଜୁଗାଡ୍ ଚାଲିଛେ । ଆଏଜ୍ ଜାଗା ଜାଗା ନୂଆଖାଇ ହାଟ୍ ହେଇଛେ । ସେଆଡ଼େ ଗାଁମାନ୍କୁ ଝାଁକର୍ମାନେ ଲୋକ୍ମାନ୍କର୍ ଘରେ ପୁହୁଁଚିଛନ୍ ।

ଆଏବା କାଏଲ୍ ଭୁଦୋ ମାସର୍ ଉଜଲ୍ ପଖର୍ ପଂଚ୍ମୀ ତିଥିଥି ନିଜର୍ ନିଜର୍ ଇଲାକାର୍ ଦେ ଦେବ୍ତାଙ୍କର୍ ରାଶି ଅନ୍ସାରେ ଧାରିଜ୍ ଲଗନ୍ଥି ଦେ ଦେବ୍ତାଙ୍କୁ ନୂଆଁ ଲଗାଲା ଉତ୍ରୁ ଲୁକେ ନିଜର୍ ଘରେ ନୂଆ ଖାଏବେ । ସମ୍ବଲ୍ପୁର୍ ନ ଇଷ୍ଟଦେବୀ ମା ସମଲେଇଙ୍କର୍ ଠାନେ ନୂଆ ଲଗାବାର୍କେ ସବୁ ପ୍ରକାରର୍ ପ୍ରସ୍ତୁତି ସରିଛେ । ସଖାଲର୍ ୯ ବାଜିକରି ୧୨ ମିନିଟ୍ନୁ ୯ ବାଜିକରି ୨୭ ମିନିଟ୍ ଭିତ୍ରେ ମା ସମଲେଇଙ୍କର୍ ଠାନେ ନୂଆ ଲଗାଯିବା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଖାଇର୍ ଉସ୍ନାକିଥି ସାମିଲ୍ ହେବାର୍କେ ଆଏବା କାଏଲ୍ ସମ୍ବଲ୍ପୁର୍ ଗସ୍ତ ନ ଆସୁଛନ୍ । ଇ ଗସ୍ତଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ - ଜିଏମ୍ୟୁ ପରିସର ନ ଥିବା ପ୍ରେକ୍ଷାଳୟଥି ମୁଖ୍ୟମନ୍ତ୍ରୀ କିଷାନ୍ ଯୋଜ୍ନା- ସିଏମ୍ କିଷାନ୍ର ଶୁଭାରମ୍ଭ କର୍ବେ । ତାର୍ ଉତ୍ରୁ ମୁଖ୍ୟମନ୍ତ୍ରୀ

ମନ୍ଦଲିଆର ରିଭର୍ଇନ୍ ରିସର୍ଟ, ଝାଡୁଆପଡ଼ାର୍ ଆରଣ୍ୟକ ମଂଚ, ସମ୍ଲେଇଗୁଡ଼ି ଆର୍ ନନ୍ଦପଡ଼ା ନ ହେବାର୍କେ ଯାଉଥିବା ନୂଆଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ବଲି ଜିଲ୍ଲା ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସୁଭଦ୍ରା ଯୋଜ୍ନା- ମୁଖ୍ୟମନ୍ତ୍ରୀ        ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ସବୁ ମହିଲାଙ୍କୁ ସୁଭଦ୍ରା ଯୋଜ୍ନାଥି ସଶକ୍ତ କର୍ବାର୍ ସାଙ୍ଗେ ସେମାନ୍କର୍ ସପନ୍କେ ପୁରା କର୍ବାର୍ ସାହାଜ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍ନେଶ୍ୱର୍ର ଗାନ୍ଧୀ ମାର୍ଗ ନ ସୁଭଦ୍ରା ସଚେତନତା ରଥର୍ ଶୁଭାରମ୍ଭ କରିକରି ସେ କହିଛନ୍ ଯେ, ସୁଭଦ୍ରା ଯୋଜ୍ନା ମହିଲା ମାନ୍କୁ ଆର୍ଥିକ୍ କ୍ଷେତ୍ର ନ ଆଗ୍କେ ବଢ଼୍ବାର୍ଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୭ ତାରିଖ୍ ଦିନ ଓଡ଼ିଶା ଗସ୍ତ ନ ଆଏବାର୍ ଅବ୍ସରେ ଯୋଜ୍ନାର୍ ଶୁଭାରମ୍ଭ କର୍ବେ ବଲି ସୂଚ୍ନା ଦେବାର୍ ସଙ୍ଗେ  ସବୁ ଯୋଗ୍ୟ ହିତାଧିକାରୀମାନେ ସୁଭଦ୍ରା ଯୋଜ୍ନାଥି ସାମିଲ୍ ହେବାର୍କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ ଯେ, ରାଜ୍ୟର୍ ୧

କୋଟିନୁ ଅଏତ୍‌କା ମହିଲା ଇ ଯୋଜ୍‌ନାଥି ଲାଭ୍ ପାଏବେ । ଯୋଜ୍‌ନାର୍ ଲାଗି ପଞ୍ଜିକରଣ୍‌ର ସମିଆ ଧାରିଜ୍ ନାଇଁ କରାଯାଇ । ଶେଷ୍ ହିତାଧିକାରୀଙ୍କର୍ ତକ୍ ପଞ୍ଜିକରଣ୍ ଜାରି ରହେବା ବଲି ଉପମୁଖ୍ୟମନ୍ତ୍ରୀ ସ୍ୱଷ୍ଟ କରିଛନ୍ । ସୁଭଦ୍ରା ଯୋଜ୍‌ନାର୍ ସଫଲତାର୍ ଲାଗି ଆଏଜ୍ ଜିଲ୍ଲାସ୍ତର୍ ନ ଭିଲ୍ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ ହେଇଛେ ।

ସୁଭଦ୍ରା ସଚେତନତା ରଥ

ସମ୍ବଲପୁର/ବଲାଙ୍ଗିର୍/କଲାହାଣ୍ଡି/ଦେବ୍‌ଗଡ୍/ସୁବର୍ଣ୍ଣପୁର୍/ବୌଦ୍ଧ/ବର୍‌ଗଡ୍

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର ନ ବିଧାୟକ୍ ଜୟନାରାୟଣ୍ ମିଶ୍ର ସୁଭଦ୍ରା ରଥର ସଚେତନତା ଯାତ୍ରାର୍ ମୁଲ୍ କରିଥିଲେ ।

ବଲାଙ୍ଗିର୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସୁଭଦ୍ରା ରଥର ଶୁଭାରମ୍ଭ କରିକରି ସୁଭଦ୍ରା ଯୋଜ୍‌ନାଥି ମହିଲାମାନେ ବଛର୍‌କ ୨ ଥର୍ ମହିଲା ଦିବସ୍ ଆଉ ରାକ୍ଷୀପୁନିଥି ସହାୟତା ପାଏବେ ବଲି କହିଥିଲେ । ସେନ୍ତା ପାଟ୍‌ନାଗଡ୍ ନ ସାଂସଦ୍ ସଂଗୀତା କୁମାରୀ ସିଂହଦେଓ ପତାକା ଦେଖେଇକରି ସୁଭଦ୍ରା ରଥକେ ଶୁଭାରମ୍ଭ କରିଥିଲେ ।

କଲାହାଣ୍ଡି ଜିଲ୍ଲା ସଦର୍ ମହକୁମାର୍ ଭବାନୀପାଟ୍‌ନା ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ସାଂସଦ୍ ମାଳବିକା ଦେବୀ ଆଉ

ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ ସୁଭଦ୍ରା ସଚେତନତା ରଥର୍ ଉଦ୍‌ଘାଟନ୍ କରିଥିଲେ । କଲାହାଣ୍ଡି ଜିଲ୍ଲା ନ ୭ ଟା ସୁଭଦ୍ରା ସଚେତନତା ରଥ ଜିଲ୍ଲାର୍ ୩ ଶହ ୧୦ ଟା ପଂଚାୟତ୍‌କେ ଯାଇକରି ଯୋଜ୍‌ନା ବାବ୍‌ଦେ ଲୋକ୍‌ମାନ୍‌କୁ ସଚେତନତା କର୍‌ବା ।

ସୁନ୍ଦର୍‌ଗଡ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର ନ ହେଇଥିବା କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍, ବିଧାୟକ୍ ଦୁର୍ଗାଚରଣ୍ ତନ୍ତୀ, ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ୍ ଆର୍ ସୁନ୍ଦର୍‌ଗଡ୍ ପୌରାଧ୍ୟକ୍ଷା ତନୟା ମିଶ୍ର ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଥିଲେ ।

ଦେବ୍‌ଗଡ୍ ନ ରାଜ୍ୟ ପଂଚାୟତିରାଜ୍ ଆର୍ ପାନୀୟ ଜଳ ଆର୍ ଗ୍ରାମ୍ୟ ଉନ୍ନୟନ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ସୁଭଦ୍ରା ସଚେତନତା ରଥର୍ ଉଦ୍‌ଘାଟନ୍ କରିଥିଲେ । ସୁଭଦ୍ରା ଯୋଜ୍‌ନାଥି ଆଧାର୍ କାର୍ଡ୍ ସାଙ୍ଗେ ମୋବାଇଲ୍ ନମ୍ବର୍‌କେ ଜୁଡ୍‌ବାର୍‌ଟା ଜରୁରୀ ନୁହେଁ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ରାଜ୍ୟ ସ୍ୱାସ୍ଥ୍ୟ ପରିବାର୍ କଲ୍ୟାଣ୍ ଆଉ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ୩ ଟା ସଚେତନତା ରଥର୍ ଉଦ୍‌ଘାଟନ୍ କରିଥିଲେ ।

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ସର୍‌କାରୀ ଦଲର୍ ମୁଖ୍ୟ ସଚେତକ୍ ସରୋଜ୍ କୁମାର୍ ପ୍ରଧାନ୍ ଆର୍ କଂଟାମାଲ୍

ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ ପତାକା ଦେଖେଇକରି ସୁଭଦ୍ରା ରଥର ଶୁଭାରମ୍ଭ କରିଥିଲେ ।

ବର୍‌ଗଡ୍ ନିଶାମଣି ହାଇସ୍କୁଲ୍ ପଡ଼ିଆ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସୁଭଦ୍ରା ସଚେତନତା ରଥର୍ ଶୁଭାରମ୍ଭ କରିଥିବାର୍ ବେଲେ ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ, ନିହାର୍ ରଞ୍ଜନ୍ ମହାନନ୍ଦ, ଇରାସିସ୍ ଆଚାର୍ଯ୍ୟ ଆର୍ ସନତ୍ କୁମାର୍ ଗଡ଼ତିଆ ଉପସ୍ଥିତ୍ ଥିଲେ ।

ଇଣ୍ଡିଆ କେମ୍-୨୦୨୪ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା, ଗୁଜୁରାଟ୍ ଆର୍ ଆନ୍ଧ୍ରପ୍ରଦେଶ୍ ଦେଶର୍ ରସାୟନ୍ ଆର୍ ପେଟ୍ରୋ କେମିକାଲ୍ କ୍ଷେତ୍ର ନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛନ୍ ବଲି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍,ରସାୟନ ଆର୍ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ରସାୟନ୍ ଆର୍ ପେଟ୍ରୋକେମିକାଲ୍ସ ବିଭାଗ୍ ଆର୍ ଫିକି ତରଫୁ ହେଇଥିବା ଇଣ୍ଡିଆ କେମ୍ -୨୦୨୪ ଶିଳ୍ପ ସମ୍ମିଳନୀଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ପେଟ୍ରୋ କେମିକାଲ୍ସ କ୍ଷେତ୍ର ନ ଓଡ଼ିଶା ଗୁଟେ ପ୍ରମୁଖ କେନ୍ଦ୍ର ହେବାର୍‌କେ ଯାଉଛେ । ହେଥି ଉତ୍ପାଦନ୍, ନିଯୁକ୍ତି ଆର୍

ରପ୍ତାନୀର୍ ଖୋବ୍ଟେ ସୁଯୋଗ୍ ରହିଛେ । ସମ୍ମିଲନୀଥି ରାଜ୍ୟର୍ ଶିଳ୍ପ, ଦକ୍ଷତା ବିକାଶ୍ ଆର୍ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସର୍କାର୍ଙ୍କର୍ ଶିଳ୍ପନୀତିଥି ପେଟ୍ରୋ କେମିକାଲ୍ସ କ୍ଷେତ୍ର ନ ଦିଆଯାଉଥିବା ପ୍ରୋତ୍ସାହନ୍ ବାବ୍ଦେ ସୂଚ୍ନା ଦେଇଥିଲେ ।

ବନରକ୍ଷୀ ପଦ୍ବୀ          ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ ଆଏବା ୩ ମାସ୍ ଭିତ୍ରେ ୨ ହଜାର୍ ବନରକ୍ଷୀ ପଦ୍ବୀ ପୂରଣ୍ କର୍ବାର୍କେ ନିଷ୍ପତି ନେଇଛନ୍ ବଲି ଜଙ୍ଗଲ୍ ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ଖୁଂଟିଆ କହିଛନ୍ । କେନ୍ଦୁଝର୍ ନ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ ଅବ୍ସରେ ସେ ଇ ସୂଚ୍ନା ଦେବାର୍ ସଙ୍ଗେ ପଦ୍ବୀ ପୂରଣ୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ ବଲି କହିଛନ୍ ।

ଗଣେଶ ପୂଜା        ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ଭୁଦୋ ମାସର୍ ଉଜଲ୍ପଖର୍ ଚତୁର୍ଥୀ, ଅଗ୍ରପୂଜ୍ୟ  ବିଘ୍ନ ବିନାଶକ ଗଣେଶ୍ ମାହାପୁରୁଙ୍କର୍ ପୂଜା । ଗଣେଶ୍ ପୂଜା ଉତ୍ରୁ ବଛର୍ ଯାକର୍ ଧାର୍ମିକ୍ ଉତ୍ସବ୍, ଯଜ୍ଞ

ପୂଜା ଆର୍ ଶୁଭ୍ କାମ୍ ହେସି । ରାଜ୍ୟର୍ ଗାଁ ସହର୍ ସବୁନ ଆର୍ ସ୍କୁଲ୍ କଲେଜ୍‌ଥି ଗଣେଶ୍ ପୂଜା କରାଯାଇଛେ । ଦେଶର୍ ଭିନ୍ ଭିନ୍ ଜାଗା ଭିଲ୍ ଆଏଜ୍‌ଠାନୁ ୧୧ ଦିନିଆ ଗଣେଶପୂଜା ମୂଲ୍ ହେଇଛେ । ମହାରାଷ୍ଟ୍ର ନ ଗଣେଶ ପୂଜାକେ ଗୁଟେ ବଡ଼ ପରବ ଭାବେ ମନାଯାଏସି । ଗଣେଶ୍ ଚଉଠି ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଜ୍ଞାନ୍ ବିଜ୍ଞାନ୍ ଆର୍ ସମୃଦ୍ଧି ଦଉଥିବା ଭଗବାନ ଗଣେଶ୍‌ଙ୍କର୍ ପର୍ବ ଆମ୍‌କୁ ନମ୍ର ଆର୍ କର୍ତବ୍ୟ ନିଷ୍ଠ ହେବାର୍‌କେ ଶିଖାସି ବଲି ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି କହିଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଗଣେଶ୍ ଚଉଠି ଅବ୍‌ସରେ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଗଣେଶ୍ ପୂଜା - ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ନ ଆଏଜ୍‌ଠାନୁ ୧୦ ଦିନିଆ ଗଣେଶ୍‌ମେଲା ମୁଲ୍ ହେଇଛେ । ଦେବ୍‌ଗଡ଼୍ ଗଣେଶ୍ ପୂଜା କମିଟି ତର୍‌ଫୁ ପ୍ରଧାନ୍‌ପାଟ୍ ନ ଥିବା ମା ପ୍ରଧାନ୍ ପାଟେଶ୍ୱରୀଙ୍କର୍ ପୀଠ ନ ପୂଜା ଉତ୍‌ରୁ ପ୍ରଧାନ୍‌ପାଟ୍ ନୁ କଲସ୍ ନେଇକରି ପୂଜା ମଣ୍ଡପ୍ ନ ଥାପ୍‌ନା କରାଯାଇଛେ । ପୁରୋହିତଙ୍କର୍ ମନ୍ତ୍ର ପାଠ୍

ଭିତ୍‌ରେ ଗଣେଶ୍ ମାହାପୁରୁଙ୍କର୍ ପୂଜା ଚାଲିଛେ । ଗଣେଶ୍ ମେଲା ଲାଗି ସାରା ଦେବ୍‌ଗଡ୍ ସହର୍‌କେ ରକମ୍ ରକମ୍‌ର ଆଲୋକମାଳା ଆର୍ ତୋରଣ୍‌ଥି ସଜାଯାଇଛେ । ପୂଜା କମିଟି ତର୍‌ଫୁ ଭକ୍ତମାନ୍‌କର୍ ଲାଗି ଅନ୍ନଭୋଗ୍‌ର ବ୍ୟବସ୍ଥା ହେଇଛେ ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆର୍‌ଏନ୍‌ୟୁ/ କଟକ୍

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନ ଓଡ଼ିଆ ସଂସ୍କୃତି ଆର୍ ପର୍ବ ପର୍ବାଣୀ ଉପ୍‌ରେ ଗୁଟେ ୬ ମାସିଆ ପାଠ୍ୟକ୍ରମ୍ ମୁଲ୍ କରାଯିବା ବଲି କୁଲପତି ପ୍ରଫେସର୍ ପ୍ରସନ୍ନ ସ୍ୱାଇଁ କହିଛନ୍ । ଇ ବାବଦ୍ ବିଶ୍ୱବିଦ୍ୟାଳୟର୍ ଏକାଡେମିକ୍ କାଉନ୍‌ସିଲ୍ ନ ନିଆଯାଇଥିବା ନିଷ୍ପତି ଉପ୍‌ରେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସିର୍ ନିୟମ୍ ଆଧାର୍‌ଥି ପାଠ୍ୟକ୍ରମ୍ ତିଆର୍ କରାଯିବା । ଆଭାସୀ ଜରିଏ ପାଠ୍ୟକ୍ରମ୍ ଚାଲ୍‌ବା ଆର୍ ଇ ପାଠ୍ୟକ୍ରମ୍ ଲାଗି କେହେନି ବୟସ୍ ସୀମା ଆର୍ ଶିକ୍ଷାଗତ ଯୋଗ୍ୟତା ନାଇଁ ରହେ ବଲି ପ୍ରଫେସର୍ ସ୍ୱାଇଁ କହିଛନ୍ ।

ବହି ଉନ୍ମୋଚନ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ପବ୍ଲିକ୍ ଲାଇବ୍ରେରୀ ନ ଆଏଜ୍ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ 'ବେକ୍‌ୱାର୍ଡ଼ ରିଜିଅନ୍ ଡେଭଲପ୍‌ମେଂଟ୍ ଇନ୍ ଇଣ୍ଡିଆ : ଦ ୱେଷ୍ଟର୍ଣ୍ଣ ଓଡ଼ିଶା ଏକ୍ସପିରିଏନ୍ସ' ବହି ଉନ୍ମୋଚନ୍ କରିଛନ୍ । ପ୍ରଫେସର୍ ଆଦିତ୍ୟ ପ୍ରସାଦ୍ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଲେଖକ ଡକ୍ଟର୍ ବ୍ରଜ ବିହାରୀ ପଣ୍ଡା ଆର୍ ଡକ୍ଟର୍ ମୁରଲୀଧର୍ ମାଝୀ ବହି ବାବ୍‌ଦେ ସୂଚ୍‌ନା ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଉତରାଂଚଲ୍ ରାଜସ୍ୱ କମିଶନର୍ ସଚିନ୍ ରାମଚନ୍ଦ୍ର ଯାଦବ୍, ଆଇଆଇଏମ୍ ନିର୍ଦ୍ଦେଶକ୍ ମହାଦେଓ ଜୟଶ୍ୱାଲ୍, ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଲୟର୍ କୁଲପତି ପ୍ରଫେସର ବିଧୂଭୂଷଣ୍ ମିଶ୍ର, ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଲୟର୍ କୁଲପତି ପ୍ରଫେସର୍ ଏନ୍. ନାଗାରାଜୁ, ଭିମ୍‌ସାର୍‌ର ନିର୍ଦ୍ଦେଶକ ଡାକ୍ତର୍ ଭାବଗ୍ରାହୀ ରଥ ଆର୍ ବିପିୟୁଟିର କୁଲପତି ପ୍ରଫେସର୍ ଅମୀୟ ରଥ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍        ଆର୍‌ଏନ୍‌ୟୁ/ କଟକ୍

ରାଏଜେ ତୃତୀୟ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଆଏବା ୧୪ ତାରିଖ୍ ଦିନ ହେବା । ହେଥି ଦୁର୍ଘଟଣା, ବୀମା, ବେଙ୍କ୍ ଋଣ, ଚେକ୍

ବାଉନ୍ସ, ପାରିବାରିକ୍ ଝମେଲା ଜମି ଅଧିଗ୍ରହଣ୍ ମକଦ୍ଦମାର୍ ଆପୋଷୀ ଫଏସଲା ଲାଗି ପଦକ୍ଷେପ୍ ନିଆଯିବା । ରାଜ୍ୟର୍ ସବୁ ଜିଲ୍ଲା ନ ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ଲାଗି ଖାସ୍ ବ୍ୟବସ୍ଥା ମାନ୍ କରାଯାଉଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଉଛେ । ସୋମ୍‌ବାର୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ କଲାହାଣ୍ଡି ସହେତେ ରାଜ୍ୟର୍ ୨୧ ଟା ଜିଲ୍ଲା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।